# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21st January – 2026

*************************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ ଅଟଳ ପେନ୍‌ସନ୍ ଯୋଜନାର ଅବଧିକୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରି ।

- ରାଜ୍ୟର ଚାଷୀଙ୍କୁ ସମୃଦ୍ଧ କରିବା ସହ ସେମାନଙ୍କ ଆୟକୁ ବହୁଗୁଣିତ କରିବାପାଇଁ ସରକାର ପଦକ୍ଷେପ ନେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।

— ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା-୨୦୨୬କୁ କଲେ ଉଦ୍‌ଘାଟନ ।

- କଟକ ମହାନଦୀ ରିଭର୍ ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ ।

ଏବଂ

- ରାଜ୍ୟର ୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆସନ୍ତାକାଲି ସୁଭଦ୍ରା ସହାୟତା ରାଶି ପ୍ରଦାନ କରିବେ ସରକାର ।

***Desk***

# କେନ୍ଦ୍ର କ୍ୟାବିନେଟ୍ - ପେନ୍‌ସନ ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଟଳ ପେନସନ୍ ଯୋଜନାର ସମ୍ପ୍ରସାରଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ଯୋଜନା ଆସନ୍ତା ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜାରି ରହିବ । ଯୋଜନାର ପ୍ରଚାର ପ୍ରସାର ଓ ବିକାଶମୂଳକ କାର୍ଯ୍ୟକଳାପ ପାଇଁ ପାଣ୍ଠି ସହାୟତାର ସମ୍ପ୍ରସାରଣ କରାଯିବା ସହ ନିଅଣ୍ଟ ଭରଣା ଲାଗି ମଧ୍ୟ ପାଣ୍ଠି ଯୋଗାଇ ଦେବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି । କମ୍ ଆୟକାରୀ ଏବଂ ଅଣସଂଗଠିତ କ୍ଷେତ୍ରର ଲକ୍ଷ ଲକ୍ଷ ଶ୍ରମିକଙ୍କ ପାଇଁ ଏହାଦ୍ୱାରା ଆୟ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । କ୍ୟାବିନେଟ୍‌ରେ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ୍‌କୁ ଅତିରିକ୍ତ ୫ ହଜାର କୋଟି ଟଙ୍କାର ଇକ୍ୟୁଟି ସହାୟତା ଯୋଗାଇ ଦେବାପାଇଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

***Desk***

# ପାୱାର୍ - ଇଲେକ୍ଟ୍ରିସିଟି ପଲିସି

ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂତନ ଜାତୀୟ ବିଦ୍ୟୁତ୍ ଚିଠା ନୀତି ୨୦୨୬ ଜାରି କରାଯାଇଛି । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ସ୍ୱପ୍ନ

ସାକାର କରିବା ଦିଗରେ ଶକ୍ତି କ୍ଷେତ୍ରକୁ ରୂପାନ୍ତରୀକରଣ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ୨୦୩୦ ସୁଦ୍ଧା ମୁଣ୍ଡ ପିଛା ବିଦ୍ୟୁତ୍ ବ୍ୟବହାର ୨ ହଜାର କିଲୋୱାଟ୍ ଘଣ୍ଟା ଏବଂ ୨୦୪୭ ସୁଦ୍ଧା ୪ ହଜାରରୁ ଊର୍ଦ୍ଧ୍ୱ କିଲୋୱାଟ୍ ଘଣ୍ଟା କରିବା ନେଇ ଏହି ଚିଠା ନୀତିରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

***Desk***

# ମତ୍ସ୍ୟ-ପ୍ରାଣୀ ସମାବେଶ

ରାଜ୍ୟରେ ଗୋପାଳନର ବିକାଶ ଓ ଅଧିକ ଦୁଗ୍ଧ ଉତ୍ପାଦନପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଭୁବନେଶ୍ୱରର ଜନତା ମଇଦାନରେ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬କୁ ଉଦ୍‌ଘାଟନ କରି ଶ୍ରୀ ମାଝି କହିଛନ୍ତି, ମାନବ ସଭ୍ୟତାରେ ପ୍ରାଣୀପାଳନ କାର୍ଯ୍ୟ ପ୍ରାଚୀନ। ଗ୍ରାମାଞ୍ଚଳରେ ଗୋ ଓ ପ୍ରାଣୀ ପାଳନ ଏକ ସଭ୍ୟତାର ଅଂଶବିଶେଷ । କୃଷିକାର୍ଯ୍ୟରେ ଏହାର ବ୍ୟବହାର ସହ କୃଷକଙ୍କ ଆର୍ଥିକ ସ୍ଥିତିରେ ସୁଧାର ସମ୍ଭବ ହୋଇପାରିଛି । ରାଜ୍ୟର ୬୦ ପ୍ରତିଶତ ଲୋକ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ବୋଲି ଶ୍ରୀ ମାଝୀ କହିଛନ୍ତି ।

***Voice (CM)*** :.......

୨୦୩୬ ମସିହା ସୁଦ୍ଧା ଚାଷୀଙ୍କୁ ସମୃଦ୍ଧ କରିବା ସହ ସେମାନଙ୍କର ଆୟକୁ ବହୁଗୁଣିତ କରିବାପାଇଁ ସରକାର ବିଭିନ୍ନ ପ୍ରୋତ୍ସାହନ ଓ ସହାୟତା

ରାଶି ପ୍ରଦାନ କରୁଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାପାଇଁ ବଜେଟ୍‌ରେ ୧୪ ଶହ କୋଟି ବ୍ୟୟ ବରାଦ କରାଯାଇଛି । ଏହା ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଚାଲିବ । ଏଥିରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ । ଏହି ଯୋଜନାରେ ବାହାର ରାଜ୍ୟରୁ ଉନ୍ନତ ପ୍ରଜାତି ୧୪ ହଜାରରୁ ଊର୍ଦ୍ଧ୍ୱ ଗାଈ ଓ ମଇଁଷି ଅଣାଯାଇଛି । ଏହାସହ ୪ ଲକ୍ଷ ୭୩ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୨୬୨ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି । ଚଳିତ ବର୍ଷ 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା' ବାର୍ତ୍ତା ନେଇ ସମ୍ମିଳନୀର ଆୟୋଜନ କରାଯାଉଛି ।

ସମାବେଶରେ ୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଛନ୍ତି । ୨୦୮ଟି ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣୀପାଳନ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ବେସରକାରୀ ଅନୁଷ୍ଠାନର ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଉଛି ।

***IPR***

# ମହାନଦୀ ରିଭର ଫ୍ରଣ୍ଟ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି କଟକର ମହାନଦୀ ରିଭର ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହି ପ୍ରକଳ୍ପ ଏକ ପ୍ରମୁଖ ସହରୀ ପୁନରୁଦ୍ଧାର ଯୋଜନା । ନଦୀକୂଳକୁ ଜୀବନ୍ତ, ସାଂସ୍କୃତିକ ଏବଂ ମନୋରଞ୍ଜନ ସ୍ଥଳରେ ପରିଣତ କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେଇ ଲୋକାଭିମୁଖୀ କରିବା ହେଉଛି ଏହି ପ୍ରକଳ୍ପର ଲକ୍ଷ୍ୟ । ତେବେ ସହରୀ ପରିବେଶରେ ଉନ୍ନତି ଆଣିବା ଉପରେ ମଧ୍ୟ ଏଥିରେ

ଗୁରୁତ୍ୱାରୋପ କରାଯାଇଛି । ମହାନଦୀ କୂଳର ଦୀର୍ଘ ୪୨୬ ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ ବିକଶିତ ହେବ । ଏହାକୁ ୩ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି । ୨୦୨୫-୨୬ ବଜେଟ୍‌ରେ ୧୫୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଏହି ପ୍ରକଳ୍ପପାଇଁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ସୁନିଶ୍ଚିତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ବୈଠକରେ ଅଧ୍ୟକ୍ଷତା କରି ଡକ୍ଟର ମହାପାତ୍ର ନିର୍ଦ୍ଧାରିତ ପ୍ରକଳ୍ପକୁ ତୁରନ୍ତ ଆରମ୍ଭ କରିବାପାଇଁ ସମସ୍ତ ମଞ୍ଜୁରି, ଟେଣ୍ଡର ପ୍ରକ୍ରିୟା ଏବଂ ପ୍ରାଥମିକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ସୁଭଦ୍ରା ରାଶି

ରାଜ୍ୟରେ ଆସନ୍ତାକାଲି ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହାୟତା ରାଶି ପ୍ରଦାନ କରାଯିବ । ଏହି ପର୍ଯ୍ୟାୟରେ ୪ ଲକ୍ଷ ୫୭ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଲାଭାନ୍ୱିତ ହେବେ । ଏଥିରେ ସୁଭଦ୍ରା ଯୋଜନାରେ ନୂତନ ଭାବେ ଯୋଡ଼ି ହୋଇଥିବା ୧ ଲକ୍ଷ ୭୮ ହଜାର ୩୯୮ ଜଣ ହିତାଧିକାରୀଙ୍କୁ ସହାୟତା ରାଶି ଦିଆଯିବ । ଏହାସହ ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏକସଙ୍ଗରେ ୨ଟି କିସ୍ତିର ଟଙ୍କା ପ୍ରଦାନ କରାଯିବ ।

ଭୁବନେଶ୍ୱର ଓୟୁଏଟିଠାରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ରହିବେ।

***Puri/R***

# ପଦ୍ମବେଶ

ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ଦୁର୍ଲଭ ପଦ୍ମବେଶ ଅନୁଷ୍ଠିତ ହେଉଛି। ପରମ୍ପରା ଅନୁଯାୟୀ, ରାତିରେ ବଡ଼ସିଂହାର ନୀତିରେ ମହାପ୍ରଭୁ ପଦ୍ମବେଶରେ ସଜ୍ଜିତ ହୋଇ ପହୁଡ଼ ହେବେ। ଆସନ୍ତାକାଲି ଅବକାଶ ନୀତି ପର୍ଯ୍ୟନ୍ତ ଏହି ବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବେ। ମାଘମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ଯେଉଁଦିନ ବୁଧବାର କିମ୍ବା ଶନିବାର ପଡ଼ିଥାଏ ସେ ଦିନ ମହପ୍ରଭୁଙ୍କ ଏହି ବେଶ ଅନୁଷ୍ଠିତ ହେବାର ପରମ୍ପରା ରହିଛି। ବଡ଼ଛତା ମଠ ପକ୍ଷରୁ ଯୋଗାଇ ଦିଆଯାଇଥିବା ସମଗ୍ରୀର ସମାହାରରେ ପଦ୍ମବେଶରେ ବଡ଼ସିଂହାର ବେଶ ଅନୁଷ୍ଠିତ ହେବ।

***Desk***

# ଜେ.ଇ.ଇ. ମେନ୍ ପରୀକ୍ଷା

ଜାତୀୟ ପରୀକ୍ଷଣ ସଂସ୍ଥାନ– ଏନ୍.ଟି.ଏ. ପକ୍ଷରୁ ଆଜିଠାରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା– ଜେ.ଇ.ଇ. ମେନ୍ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଏପ୍ରିଲ ମାସ ୧ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ମାସର ପରୀକ୍ଷାଫଳ ଆସନ୍ତା ମାସ ୧୨ ତାରିଖରେ ଏନ୍.ଟି.ଏ ପକ୍ଷରୁ ଘୋଷଣା କରାଯିବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟର ପରୀକ୍ଷା ଫଳ ଏପ୍ରିଲ ମାସ ୨୦ ତାରିଖରେ ପ୍ରକାଶ ପାଇବ। ଏନ୍.ଆଇ.ଟି., ଟ୍ରିପଲ ଆଇ.ଟି. ଏବଂ ସରକାରୀ ଅନୁଦାନପ୍ରାପ୍ତ ବୈଷୟିକ ପ୍ରତିଷ୍ଠାନରେ ନାମଲେଖା ପାଇଁ ଏହି ପରୀକ୍ଷାର ଆବଶ୍ୟକ ହୋଇଥାଏ। ଚଳିତ ବର୍ଷ ଦେଶର ୩୨୩ଟି ସହରରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି।

***Desk, Malkangiri/R***

# ଶିକ୍ଷକ ଯୋଗ୍ୟତା ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା– ଓ.ଏସ୍.ଏସ୍.ଟି.ଇ.ଟି. ଆଜି ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହୋଇଥିଲା ।

ମାଲକାନଗିରି ଜିଲ୍ଲାର ୩ଟି କେନ୍ଦ୍ରରେ ୭୩୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।

***Boudh/R***

## ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ଅନୁକୂଲ୍ୟରେ ଗୌଡ଼ଦେଇ ଗ୍ରାମଠାରେ ବାଲ୍ୟବିବାହକୁ ରୋକିବା ଉପରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପରିଚାଳନା କରିଥିଲେ ।

***Boudh/R***

## ବି.ଭି. - ଜି.ରାମ୍.ଜି.

ବୌଦ୍ଧ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରେ ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଅଜୀବିକା ମିଶନ (ଗ୍ରାମୀଣ) ଜନଜାଗରଣ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନୂତନ ଆଇନରେ ଗ୍ରାମୀଣ ନିଯୁକ୍ତି ବୃଦ୍ଧି ପାଇବ ବୋଲି କର୍ମଶାଳାରେ ମତପ୍ରକାଶ ପାଇଛି ।

*Nayagarh, Nuapada, Bhadrak/R*

# ବନ୍ଦେ ମାତରମ୍

ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବ୍ଲକ୍‌ସ୍ତରୀୟ ସାମୂହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲାର ଇଟାମାଟି ଇଣ୍ଡୋର୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ୱଦେଶୀ ସଙ୍କଳ୍ପ ପାଠ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ଖରିଆର୍ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବନ୍ଦେ ମାତରମ୍ ଗୀତର ସମୂହଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ବନ୍ଦେ ମାତରମ୍ ଗୀତ ଦେଶର ଐତିହ୍ୟ, ବୈଭବ ଏବଂ ସୌନ୍ଦର୍ଯ୍ୟର ପ୍ରତୀକ ବୋଲି କହିଥିଲେ ।

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍‌ସ୍ଥିତ ଚନ୍ଦ୍ରଶେଖର ରତ୍ନାକର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରଶାସନିକ ଅଧିକାରୀ, ଶିକ୍ଷାଧିକାରୀ ପ୍ରମୁଖ ଯୋଗଦେଇ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ଉପରେ ଶପଥପାଠ କରିଥିଲେ ।

*Nayagarh/R*

# ଜନଶୁଣାଣି ଶିବିର

ନୟାଗଡ଼ ଜିଲ୍ଲାରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଭାପୁର ବ୍ଲକ୍‌ର ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୨୦ଟି ପଞ୍ଚାୟତରୁ ୭୬ଟି ଅଭିଯୋଗ ମଧ୍ୟରୁ ୫ଟିର ତତ୍କାଳ ସମାଧାନ କରାଯାଇଥିଲା ।

******